# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଯୀଶୁଙ୍କ ନିମନ୍ତେ ଏକ ଭୟଙ୍କର ସମୟ


ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଅନୁବାଦକ: Prasanta Bhuyan

ଉପଯୋଜକ: M. Maillot; Sarah S.


କାହାଣି ୬୦ ରୁ ୩୮


www.M1914.org

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya

ଯେତେବେଳେ ଯୀଶୁଖ୍ରୀଷ୍ଟ ବାପ୍ତିସ୍ମ ନେଲେ, ପରମେଶ୍ୱର କଥା କହିଲେ । ସେ କହିଲେ, ଏହା ମୋହର ପ୍ରିୟ ପୁତ୍ର. ଏହାଠାରେ ଆମ୍ଭର ପରମ ସନ୍ତୋଷ ।



1

ପରମେଶ୍ୱରଙ୍କ ଠାରୁ ପବତ୍ରାତ୍ମା ଗୋଟିଏ କାପ୍ତା ରୁପରେ ଯୀଶୁଙ୍କ ଉପରେ ଅବତରଣ କଲା ।



2


ବାପ୍ତିଷ୍ମ ନେବାର କିଛି ସମୟ ମଧ୍ୟରେ ପବିତ୍ରାତ୍ମା ଯୀଶୁଖ୍ରୀଷ୍ଟଙ୍କୁ ମରୁଭୂମି ସ୍ଥାନକୁ ନେଇଗଲେ । ସେଠାରେ ଯୀଶୁ ଏକାକି ଥିଲେ ।
3
ଯୀଶୁ ସେଠାରେ ଚାଳିଶ ଦିନ ପର୍ଯ୍ୟନ୍ତ ଉପବାସ କଲେ । ତାହାର ଅର୍ଥ ସେ କିଛି ଖାଦ୍ୟ ଖାଇଲେ ନାହିଁ । ସେ ଅତ୍ୟଧିକ ଭୋକ ଅନୁଭବ କଲେ ।
4
ବାଇବଲ୍ କହେ ଯେ ସେଠାରେ ବନ୍ୟ ଜନ୍ତୁମାନେ ମଧ୍ୟ ଥିଲେ ।
5
ଶୟତାନ ଯୀଶୁଙ୍କୁ  ପରିକ୍ଷା କରିବା ନିମନ୍ତେ ଆସିଲା । ବହୁ ପୂର୍ବରୁ, ସେ ଆଦମ ଓ ହବାଙ୍କୁ ସେହି ଏଦନ ଉଦ୍ୟାନରେ ପରମେଶ୍ୱରଙ୍କୁ ଅବାଧ୍ୟ ହେବା ନିମନ୍ତେ ପରିକ୍ଷା କରିଥିଲା । ବର୍ତ୍ତମାନ୍ ଯୀଶୁ ପରିକ୍ଷିତ ହେବେ ।
6
ଶୟତାନ ସେହି ପରମେଶ୍ୱରଙ୍କ ପୁତ୍ର ଯୀଶୁଙ୍କୁ ମଧ୍ୟ ପରିକ୍ଷା କରିବାକୁ ଚେଷ୍ଟା କରିବ ।
7
ତୁମେ ଯଦି ପରମେଶ୍ୱରଙ୍କ ପୁତ୍ର, ଶୟତାନ କହିଲା, ଏହି ପଥରକୁ ରୋଟି ହେବାକୁ ଆଜ୍ଞା କର । ସେ ଜାଣିଥିଲା ଯେ ଯୀଶୁଙ୍କୁ ଭୋକ ଲାଗୁଅଛି ।
8


ସେ ଏହା ମଧ୍ୟ ଜାଣିଥିଲା ଯେ ପରମେଶ୍ୱରଙ୍କ ପୁତ୍ର ପଥରକୁ ମଧ୍ୟ ରୋଟି କରିଦେଇ ପାରନ୍ତି । ଯୀଶୁ କି ଶୟତାନର କଥା ମାନିଲେ ?
9
ନୁହେଁ! ଯୀଶୁ ଶୟତାନର କଥା ମାନିଲେ ନାହିଁ । ବଦଳରେ ଯୀଶୁ ପରମେଶ୍ୱରଙ୍କ ବାକ୍ୟରେ ଶୟତାନକୁ ଉତ୍ତର ଦେଲେ । ମନୁଷ୍ୟ କେବଳ ରୋଟିରେ ବଞ୍ଚିବ ନାହିଁ, ମାତ୍ର ଇଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟକ ବାକ୍ୟରୁ ବଞ୍ଚିବ ।
ପବିତ୍ର ବାଇବଲ୍
10
ଶୟତାନ ଯୀଶୁଙ୍କୁ ବଡ଼ ସହର ଯିରୁଶାଲମକୁ ନେଇଗଲା, ସେହି ପବିତ୍ର ମନ୍ଦିରକୁ ଯେଉଁଠାରେ କି ଲୋକମାନେ ପରମେଶ୍ୱରଙ୍କର ଉପାସନା କରୁଥିଲେ । ଏହାପରେ ଶୟତାନ କଅଣ କରିପାରେ?
11
ଯଦି ତୁମେ ପରମେଶ୍ୱରଙ୍କ ପୁତ୍ର ତେବେ ନିଜକୁ ତଳକୁ ଫିଙ୍ଗି ପକାଅ, ଶୟତାନ ଯୀଶୁଙ୍କୁ କହିଲା । ତାଙ୍କର ବାକ୍ୟ କହେ ସେ ତାଙ୍କ ଦୂତ ମାନଙ୍କ ଦ୍ୱାରା ତୁମକୁ ରକ୍ଷା କରିବେ ।
12
କଦାପି ନୁହେଁ! ଯୀଶୁ ତହାଙ୍କୁ କହିଲେ । ଏହା ମଧ୍ୟ ବାକ୍ୟରେ ଲେଖାଯାଏ ... ଯେ ତୁମ୍ଭେ ଆପଣା ପରମେଶ୍ୱରଙ୍କୁ କେବହେଁ ପରିକ୍ଷା କରିବ ନାହିଁ ।
ପବିତ୍ର ବାଇବଲ୍
13
ଶୟତାନ ପୁନର୍ବାର ଚେ଼ଷ୍ଟା କଲା, ସେ ଯୀଶୁଙ୍କୁ ସହରର ବାହାରେ ପର୍ବତର ଏକ ଉଚ୍ଚ ସ୍ଥାନକୁ ନେଇଗଲା ।
14

ସେଠାରୁ ସେ ଜଗତର ସମସ୍ତ ଦେଶ ଓ
ସୌନ୍ଦର୍ଯ୍ୟକୁ ଦେଖାଇଲା, ଶୟତାନ କହିଲା, ମୁ
ଏହି ସମସ୍ତ ତୁମ୍ଭକୁ ଦାନ କରିବି, ଯଦି ତୁମ୍ଭେ
ମେତେ କେବଳ ପ୍ରଣାମ କରିବ ।




ଦୂରହୁଅ ଶୟତାନ୍, ଯୀଶୁ ତାହାକୁ ଆଜ୍ଞା ଦେଲେ । ଏହା ଲେଖାଯାଏ ତୁମ୍ଭେ ଆପଣା
ପରମେଶ୍ୱରଙ୍କୁ ପ୍ରଣାମ କରିବ ଓ ତାହାଙ୍କର ଆରାଧନା କରିବ ।




କିଛି ସମୟ ନିମନ୍ତେ ଶୟତାନ
ଯୀଶୁଙ୍କୁ ପରିତ୍ୟାଗ କରି
ଚ଼ାଲିଗଲା । ତାହାପରେ
କିଛି ଅଦ୍ଭୁତ କର୍ମ
ଦେଖାଗଲା ।




ପରମେଶ୍ୱର ଯୀଶୁଙ୍କୁ ସାନ୍ତ୍ୱନା ଓ
ସେବା କରିବା ନିମନ୍ତେ ନିଜର
ଦୂତମାନଙ୍କୁ ପ୍ରେରଣ
କଲେ । ଯେ କି
ଶୟତାନର
ଆଜ୍ଞାକୁ ପାଳନ
କଲେ ନାହିଁ ।




ଯୀଶୁଙ୍କ ନିମନ୍ତେ ଏକ ଭୟଙ୍କର ସମୟ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ମାଥିଉ ୪, ଲୂକ ୪

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର
କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ
ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ ।
ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍
ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ,
ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ
ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ
ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା
ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ
ସହିତ କଥୋପକଥନ ହୁଅନ୍ତୁ ।